## ଲ୍ୟପ୍ ପ୍ରତ୍ୟୟ (ୟ, ଯ)

ମନେରଖ ଉପସର୍ଗଯୁକ୍ତ ନ ହୋଇଥିବା ଧାତୁରେ ଅସମାପିକା କ୍ରିୟା ଅର୍ଥରେ 'କ୍ତ୍ୱା' ପ୍ରତ୍ୟୟ ହୁଏ । କିନ୍ତୁ ସେହି ଅସମାପିକା କ୍ରିୟା ଅର୍ଥରେ ପ୍ର, ପରା ପ୍ରଭୃତି **ଉପସର୍ଗ**, ନମସ୍, ପୁରସ୍, ତିରସ୍ ପ୍ରଭୃତି **ଉପପଦ ଯୁକ୍ତ ଧାତୁରେ 'କ୍ତ୍ୱା' ସ୍ଥାନରେ 'ଲ୍ୟପ୍' ପ୍ରତ୍ୟୟ ଆଦେଶ ହୁଏ ।**

**ଉପସର୍ଗହୀନ ଧାତୁରେ 'କ୍ତ୍ୱା' ପ୍ରତ୍ୟୟ ହୁଏ ।**

**ଉପସର୍ଗଯୁକ୍ତ ଧାତୁରେ 'ଲ୍ୟପ୍' ପ୍ରତ୍ୟୟ ହୁଏ ।**

ଧାତୁ ପୂର୍ବରେ 'ନଞ୍' ରହିଲେ 'କ୍ତ୍ୱା' ରହେ ।

ଉଦାହରଣ :-

୧ । ବିଦ୍ୟାଳୟମ୍ <u>ଆଗତ୍ୟ</u> ପଠିଷ୍ୟସି ।

ବିଦ୍ୟାଳୟକୁ ଆସି ପଢ଼ିବ ।

ଏଠାରେ ଆ ଉପସର୍ଗଯୁକ୍ତ ଗମ୍ ଧାତୁରେ 'ଲ୍ୟପ୍' ପ୍ରତ୍ୟୟ ହୋଇଛି । ଆ + ଗମ୍ + ଲ୍ୟପ୍ = ଆଗତ୍ୟ

୨ । ପୁସ୍ତକମ୍ <u>ଆନୀୟ</u> ଆଗଚ୍ଛ ।

ବହିକୁ ଆଣି ଆସ । ଏଠାରେ ଆ + ନୀ + ଲ୍ୟପ୍ ଆନୀୟ ହୋଇଛି ।

**କ୍ତ୍ୱା ଏବଂ ଲ୍ୟପ୍ ପ୍ରୟୋଗ ମଧ୍ୟରେ ପାର୍ଥକ୍ୟ**

| | |
|---|---|
| ଦା + କ୍ତ୍ୱା = ଦତ୍ତ୍ୱା (ଦାନକରି) | ପ୍ର + ଦା + ଲ୍ୟପ୍ = ପ୍ରଦାୟ (ଦାନକରି / ପ୍ରଦାନକରି) |
| ଗ୍ରହ୍ + କ୍ତ୍ୱା = ଗୃହୀତ୍ୱା (ଗ୍ରହଣକରି) | ସମ୍ + ଗ୍ରହ୍ + ଲ୍ୟପ୍ = ସଂଗୃହ୍ୟ (ଗ୍ରହଣକରି/ସଂଗ୍ରହକରି) |
| ନୀ + କ୍ତ୍ୱା = ନୀତ୍ୱା (ନେଇ) | ଆ + ନୀ + ଲ୍ୟପ୍ = ଆନୀୟ (ଆଣି) |
| ହନ୍ + କ୍ତ୍ୱା = ହତ୍ୱା (ହତ୍ୟାକରି) | ନି + ହନ୍ + ଲ୍ୟପ୍ = ନିହତ୍ୟ (ନିହତକରି) |
| ଜ୍ଞା + କ୍ତ୍ୱା = ଜ୍ଞାତ୍ୱା (ଜାଣି) | ବି + ଜ୍ଞା + ଲ୍ୟପ୍ = ବିଜ୍ଞାୟ (ଜାଣି) |
| ନମ୍ + କ୍ତ୍ୱା = ନତ୍ୱା (ନମସ୍କାର କରି) | ପ୍ର + ନମ୍ + ଲ୍ୟପ୍ = (ପ୍ରଣମ୍ୟ) (ପ୍ରଣାମକରି) |
| କୃ + କ୍ତ୍ୱା = କୃତ୍ୱା (କରି) | ପୁରସ୍ + କୃ + ଲ୍ୟପ୍ = ପୁରସ୍କୃତ୍ୟ (ପୁରସ୍କାର ଦେଇ) |

କେତେକ 'କ୍ତ୍ୱା' ପ୍ରତ୍ୟୟାନ୍ତ ପଦ

ଭୂ + କ୍ତ୍ୱା = ଭୂତ୍ୱା (ହୋଇ)

ଭୀ + କ୍ତ୍ୱା = ଭୀତ୍ୱା (ଡରି)

କ୍ରୀ + କ୍ତ୍ୱା = କ୍ରୀତ୍ୱା (କିଣି)

ପା + କ୍ତ୍ୱା = ପୀତ୍ୱା (ପାନ କରି)

ପା + କ୍ତ୍ୱା = ପାତ୍ୱା (ରକ୍ଷାକରି)

ସ୍ଥା + କ୍ତ୍ୱା = ସ୍ଥିତ୍ୱା (ରହି)

ଗ୍ରନ୍ଥ + କ୍ତ୍ୱା = ଗ୍ରଥିତ୍ୱା (ରହି)